# ଚତୁର୍ଥ ଅଧ୍ୟାୟ

# ଦୈନନ୍ଦିନ ଜୀବନରେ ବ୍ୟବହୃତ ବସ୍ତୁ

## ପୋଷାକ ପାଇଁ ବ୍ୟବହୃତ ବସ୍ତୁ

ତୁମେମାନେ ପ୍ୟାଣ୍ଟ, ସାର୍ଟ ବା ଫ୍ରକ୍ ପିନ୍ଧୁଛ । ସମସ୍ତଙ୍କର ପ୍ୟାଣ୍ଟ, ସାର୍ଟ ବା ଫ୍ରକ୍ ଏକା ପ୍ରକାରର କପଡ଼ାରେ ତିଆରି କି ? ତୁମର ଶିକ୍ଷକ ଶିକ୍ଷୟିତ୍ରୀ କ'ଣ ସବୁ ପିନ୍ଧି ଆସନ୍ତି କହିଲ ? ଏ ସବୁ ଯାହା ପିନ୍ଧୁଛେ ତାହା ଆମର ପୋଷାକ ବା ବସ୍ତ୍ର ।

ତୁମେ ପୂଜା ପାର୍ବଣରେ ବିଭିନ୍ନ ପ୍ରକାର ପୋଷାକ ପିନ୍ଧୁଥିବ। ଶୀତ ଦିନେ ତୁମେ ଗରମ ବସ୍ତ୍ର, ଯଥା - ସ୍ୱେଟର୍, ମଫଲର୍, ଟୋପି, ପଶମ ଚଦର ଆଦି ବ୍ୟବହାର କରୁଥିବ। ଗରମ ଦିନରେ ସୂତା ବସ୍ତ୍ର ପିନ୍ଧିବାକୁ ଭଲ ଲାଗେ। ବର୍ଷର ବିଭିନ୍ନ ସମୟରେ ତୁମ ପରିବାରର ସଦସ୍ୟମାନେ ଯେଉଁ ଯେଉଁ ବସ୍ତ୍ର ବ୍ୟବହାର କରନ୍ତି, ତାହାର ଏକ ତାଲିକା କର।

## 4.1 ବସ୍ତ୍ର ପ୍ରସ୍ତୁତି ପାଇଁ ବ୍ୟବହୃତ ବସ୍ତୁ

ତୁମେ ବିଭିନ୍ନ ବସ୍ତ୍ର ବା ପୋଷାକର ତାଲିକା କରିଛ। ତୁମେ କୁହ ଏ ସମସ୍ତ ବସ୍ତ୍ର ବା ପୋଷାକ ଏକ ପ୍ରକାର ପଦାର୍ଥରେ ତିଆରି ହୋଇଛି କି ? ସାଙ୍ଗମାନଙ୍କ ସହିତ ଆଲୋଚନା କର ଓ ଘରେ ବାପା ମା'ଙ୍କ ଠାରୁ ପଚାରି ବୁଝ ଯେ ଘରେ ଥିବା ଶାଢ଼ୀ, ଚଦର ଓ ଅନ୍ୟାନ୍ୟ ପୋଷାକ କେଉଁଥିରୁ ତିଆରି ହୋଇଛି। ସେହି ବସ୍ତୁ ଗୁଡ଼ିକର ଏକ ତାଲିକା କର।




ଚିତ୍ର 4.1 ବିଭିନ୍ନ ପ୍ରକାର ବସ୍ତ୍ର




ଚିତ୍ର 4.2 ତନ୍ତୁରୁ ପୋଷାକ

### ତୁମ ପାଇଁ କାମ : ୧

ଦରଜି ପାଖରୁ ଅଦରକାରୀ କନାରୁ ଖଣ୍ଡେ ଖଣ୍ଡେ ଆଣ। ପ୍ରତ୍ୟେକ କନାରୁ ଖଣ୍ଡେ ଲେଖାଏଁ ସୂତା କାଢ଼। ସୂତାକୁ ଭଲ ଭାବରେ ନିରୀକ୍ଷଣ କର। ସବୁ ସୂତା ଏକା ପ୍ରକାର ପଦାର୍ଥରେ ତିଆରି ହୋଇଛନ୍ତି କି ? ସେହି ସୂତାକୁ ଖୋଲିବାକୁ ଚେଷ୍ଟା କର। କ'ଣ ଦେଖୁଛ ? ସୂତାଟି କେଉଁଥିରୁ ତିଆରି ହୋଇଛି ? ସୂତା ଯେଉଁଥିରୁ ତିଆରି ହୋଇଛି ତାହାକୁ ତନ୍ତୁ କହନ୍ତି। ତୁମେ ଜାଣିଲ ତନ୍ତୁରୁ ସୂତା ହୁଏ ଓ ସୂତାରୁ ବସ୍ତ୍ର ତିଆରି ହୁଏ।

## 4.2 ତନ୍ତୁର ପ୍ରକାର ଭେଦ

ପୂର୍ବ କାର୍ଯ୍ୟରେ ତୁମେ କାଢ଼ିଥିବା ସୂତାକୁ ଭଲ କରି ଲକ୍ଷ୍ୟ କର। ସମସ୍ତ ସୂତା ଏକ ପ୍ରକାର ତନ୍ତୁରେ ତିଆରି କି ? ଶୀତ ଦିନରେ ବ୍ୟବହାର କରୁଥିବା ସ୍ୱେଟର୍, ଯେଉଁ ତନ୍ତୁରେ ତିଆରି ତୁମେ ବିଦ୍ୟାଳୟକୁ ପିନ୍ଧି ଆସୁଥିବା ପ୍ୟାଣ୍ଟ ସେହି ତନ୍ତୁରେ ତିଆରି କି ? ପଲିଷ୍ଟର୍ କନା, ତୁଳା କନା (ଲୁଗା), ରେଶମ କନା ଏକା ପ୍ରକାର ତନ୍ତୁରୁ ତିଆରି ନୁହେଁ। ରେଶମ ପୋକ ଏକ କୋଷା ତିଆରି କରେ। ସେହି କୋଷାରୁ ରେଶମ ତନ୍ତୁ ବାହାରେ ଓ ଏହାକୁ ରେଶମ ବସ୍ତ୍ର ତିଆରିରେ ବ୍ୟବହାର କରାଯାଏ।

ଶୀତ ଦିନେ ତୁମେ ପିନ୍ଧୁଥିବା ଗରମ ବସ୍ତ୍ର ପଶମରୁ ତିଆରି ହୋଇଥାଏ। ପଶମ ତନ୍ତୁରେ ସୂତା ହୁଏ ଓ ଏଥିରୁ ସ୍ୱେଟର, ମଫଲର୍, ଚଦର ଇତ୍ୟାଦି ତିଆରି କରାଯାଏ। ଏହି ପଶମ

ମୁଖ୍ୟତଃ ମେଣ୍ଢା ଲୋମରୁ ମିଳିଥାଏ । ଏହା ମଧ୍ୟ ଛେଳି ଓ ଚମରୀ ଗାଈ ଲୋମରୁ ମିଳିଥାଏ । ତୁଳା, ଝୋଟ, ରେଶମ, ପଶମ ଗୋଟିଏ ଗୋଟିଏ ତନ୍ତୁ । ଏହା ସାଧାରଣତଃ ଉଦ୍ଭିଦ ଓ ପ୍ରାଣୀଙ୍କ ଠାରୁ ମିଳିଥାଏ ।

ତୁମେ ଏକ ପ୍ରକାର କନା ଦେଖିଥିବ ପ୍ରାଣୀ ଓ ଉଦ୍ଭିଦରୁ ଯାହାର ତନ୍ତୁ ଆସି ନଥାଏ । ନାଇଲନ୍, ପଲିଷ୍ଟର୍, ଟେରିଲିନ୍ କପଡ଼ା ତୁମେ ବ୍ୟବହାର କରୁଥିବ । ଏଥିରେ ବ୍ୟବହାର କରାଯାଇଥିବା ତନ୍ତୁ କୃତ୍ରିମ ଉପାୟରେ ତିଆରି ହୋଇଥାଏ । ଏହା ବହୁତ ଟାଣ ଓ ବହୁଦିନ ପର୍ଯ୍ୟନ୍ତ ଛିଣ୍ଡେ ନାହିଁ । କିନ୍ତୁ ଏଗୁଡ଼ିକ ରାସାୟନିକ ପଦାର୍ଥରୁ ତିଆରି ହେଉଥିବାରୁ ଶରୀର ଉପରେ ଏହାର କୁପ୍ରଭାବ ରହିଛି । ଚର୍ମରୋଗ ହୋଇଥିଲେ ଡ଼ାକ୍ତର ଏପ୍ରକାର ବସ୍ତ୍ର ପିନ୍ଧିବାକୁ ମନା କରିଥାନ୍ତି ।

### 4.3 କେତେକ ଉଦ୍ଭିଦଜାତ ତନ୍ତୁ

**କପା (Cotton)**



ଚିତ୍ର 4.3 କପାଗଛ

ତୁମେ କପା ଗଛ ଦେଖିଛ କି ? କପା ଗଛର ଫଳ ପାଚିଲେ ହୋଇଗଲେ ଫାଟିଯାଏ । ସେହି ଫଳକୁ ତୋଳି ଆଣି ସେଥିରୁ ତୁଳା ବାହାର କରାଯାଏ । ତୁଳା ଏକ ଉଦ୍ଭିଦଜାତ ତନ୍ତୁ । କିଛି ତୁଳା ସଂଗ୍ରହ କର । ଏହାକୁ ହାତରେ ଛିଡ଼ାଇ ଦେଖ । କେଉଁ କେଉଁ କାର୍ଯ୍ୟରେ କପା ତୁଳାକୁ ବ୍ୟବହାର କରିଛ ତାହାର ଏକ ତାଲିକା କର ।

ତୁଳାରୁ ସୂତା ହୁଏ । ତୁଳାକୁ ଏକ ହାତଚାଳିତ ଯନ୍ତ୍ର ସାହାଯ୍ୟରେ ଭିଣାଯାଏ । ଆଜିକାଲି ଯନ୍ତ୍ର ସାହାଯ୍ୟରେ ତୁଳାକୁ ଭିଣି ସେଥିରୁ ମଞ୍ଜିକୁ ବାହାର କରି ଦିଆଯାଉଛି ।

କପା ଚାଷ ପାଇଁ କୃଷ୍ଣକାର୍ପାସ ମୃତ୍ତିକା ଓ ଉଷ୍ଣ ଜଳବାୟୁ ଉପଯୁକ୍ତ ଅଟେ । ଏହି ମୃତ୍ତିକାର ଜଳଧାରଣ ଶକ୍ତି ଅଧିକ । ମାଟି ଶୁଖି ଗଲେ ଫାଟିଯାଏ, ଫଳରେ ବାୟୁ ପ୍ରବେଶ କରିବା ସହଜ ହୁଏ ଓ ଅଣୁଜୀବମାନେ ଭଲ ବଢ଼ିପାରନ୍ତି । ଆମ ଦେଶର ମହାରାଷ୍ଟ୍ର ଓ ଗୁଜରାଟରେ ଅଧିକ କପାଚାଷ କରାଯାଏ । ସେଥିପାଇଁ ମୁମ୍ବାଇ, ସୁରଟ, ଅହମ୍ମଦାବାଦରେ ଅଧିକ ଲୁଗାକଳ ରହିଛି । ଆମ ଓଡ଼ିଶାର କେଉଁ ଅଞ୍ଚଳରେ ଏବେ କପାଚାଷ କରାଯାଉଛି ଜାଣିଛ କି ?

ତୁମ ଶିମିଳି ବାଡ଼ିରେ ଶିମିଳି ଗଛ ଥିବ । ଶିମିଳି ଗଛ କପା ଗଛ ଠାରୁ ବହୁତ ବଡ଼ । ଏହାର ଫଳ ପାଚିଲେ ହୋଇ ଶୁଖିଗଲେ ଫାଟିଯାଏ ଓ ସେଥିରୁ ତୁଳା ବାହାରେ । ତୁମ ଗାଁରେ ସିମିଳି ଗଛ ଥିଲେ, ଖରାଦିନେ ଦେଖିବାକୁ ଚେଷ୍ଟା କର । ଶିମିଳି ତୁଳା କେଉଁ କେଉଁ କାର୍ଯ୍ୟରେ ଲାଗେ ଆଲୋଚନା କରି ତାଲିକା କର ।




**ଝୋଟ(Jute)**



ଚିତ୍ର 4.4 ଜଳିତା ଗଛ

ଧାନ, ଚାଉଳ ଆଦି ପୁରାଇ ରଖିବା ପାଇଁ ବସ୍ତା ବ୍ୟବହାର ହେଉଥିବାର ତୁମେ ଦେଖିଥିବ । ତାହା କେଉଁଥିରୁ ତିଆରି ? ସେଗୁଡ଼ିକ ଝୋଟ ବାଣିରେ ତିଆରି । ଆଜିକାଲି ପ୍ଲାଷ୍ଟିକ ବସ୍ତାର ବ୍ୟବହାର ମଧ୍ୟ କରାଯାଉଛି । ଝୋଟ ଏକ ଉଦ୍ଭିଦଜାତ ତନ୍ତୁ । ଯେଉଁମାନେ ଗାଁରେ ରହୁଛ ସେମାନଙ୍କ ମଧ୍ୟରୁ କେତେକ ଡ଼େଙ୍ଗା ଡେଙ୍ଗା ସରୁସରୁ ଗଛ ଚାଷ କରାଯାଉଥିବା ଦେଖିଥିବ । ଏଗୁଡ଼ିକ ଜଳିତା ଗଛ ।

ଗାଁରେ ଓ ସହରରେ ମଧ୍ୟ ଦୀପାବଳି ଦିନ କାଉଁରିଆ କାଠି ଜଳାଇ ପୂର୍ବପୁରୁଷଙ୍କୁ ଡାକନ୍ତି । ସେଗୁଡ଼ିକ ନଳିତା ଗଛର କାଠି । ନଳିତା ଗଛର ବାହ୍ୟ ଆବରଣରୁ ଝୋଟ ପ୍ରସ୍ତୁତ କରାଯାଏ ।ଏହି ଗଛରୁ ଝୋଟ କିପରି ବାହାର କରାଯାଏ କେବେ ଦେଖିଛ କି ? ନଳିତା ଗଛକୁ କାଟି ବିଡ଼ା ବନ୍ଧାଯାଏ । ସେହି ବିଡ଼ାଗୁଡ଼ିକୁ ଗଡ଼ିଆ ପାଣିରେ ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ବୁଡ଼ାଇ ରଖାଯାଏ । ନଳିତା ବିଡ଼ା ପଚିଗଲା ପରେ ତାକୁ ବାଡ଼େଇ ଝୋଟ ତନ୍ତୁ ବାହାର କରାଯାଏ ଓ ଖରାରେ ଶୁଖାଇ ରଖାଯାଏ ।

ବର୍ଷାଦିନେ ପଟୁମାଟିରେ ନଳିତା ଚାଷ କରାଯାଏ । ଆମ ଦେଶର ପଶ୍ଚିମବଙ୍ଗରେ ଅଧିକ ନଳିତା ଚାଷ କରାଯାଏ । ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ନଳିତା ଚାଷ ହୁଏ । ଝୋଟରୁ କ'ଣ କ'ଣ ତିଆରି ହୁଏ, ତାହାର ଏକ ତାଲିକା କର ।

### ନଡ଼ିଆ


ନଡ଼ିଆ ଗଛ

ତୁମ ଅଞ୍ଚଳରେ ନଡ଼ିଆ ଗଛ ଅଛି କି ? ନଡ଼ିଆ ଛଡ଼ାଇ ଦେଲେ ଏହାର ଚୋପା ବାହାରେ । ଏହାକୁ ନଡ଼ିଆ କତା କହନ୍ତି । ତାହା ହିଁ ନଡ଼ିଆ ଗଛର ତନ୍ତୁ । ଏହି ତନ୍ତୁରେ ଦଉଡ଼ି, ରସି, ପାପୋଛ, ଗଦି ଆଦି ତିଆରି ହୁଏ । ଏହି ନଡ଼ିଆ ତନ୍ତୁରୁ ଅନ୍ୟ କ'ଣ ତିଆରି ହୁଏ, ତାହା ଆଲୋଚନା କରି ଲେଖ ।

## 4.4 ତନ୍ତୁରୁ ସୂତା ତିଆରି



ଚିତ୍ର 4.5 ଚରଖାରେ ତନ୍ତୁରୁ ସୂତା ପ୍ରସ୍ତୁତି

ତୁଳା ବିଣ୍ଡାଟିଏ ନିଅ । ଏହାକୁ ହାତରେ ବଳି ସୂତା ତିଆରି କରିବାକୁ ଚେଷ୍ଟା କର । ଏହି ସୂତା ତୁମେ ଦେଖିଥିବା ସୂତା ପରି ସରୁ ହେଉଛି କି ? ସୂତା ତିଆରି ପାଇଁ ଯନ୍ତ୍ର ରହିଛି । ଗାନ୍ଧିଜୀ ତକଲି ଓ ଚରଖା ରେ ସୂତା କାଟୁଥିଲେ ଓ ସମସ୍ତଙ୍କୁ ସୂତା କାଟିବା ପାଇଁ କହୁଥିଲେ । ସେତେବେଳେ ସମସ୍ତେ ହାତବୁଣା ତନ୍ତ ଲୁଗା ପିନ୍ଧୁଥିଲେ ।

କିଛି ଝୋଟ ନେଇ ହାତରେ ବଳି ଦଉଡ଼ି ତିଆରି କର । ଆଜିକାଲି ବିଭିନ୍ନ ପ୍ରକାର ଯନ୍ତ୍ର ସାହାଯ୍ୟରେ ସୂତା କଟା ଯାଉଛି ଓ ଲୁଗା ବୁଣାଯାଉଛି ।

## 4.5 ସୂତାରୁ ବସ୍ତ୍ର ତିଆରି



ଚିତ୍ର 4.6 ଶୀତବସ୍ତ୍ର ତିଆରି

ଉପର ଚିତ୍ରକୁ ଦେଖ । ଏଠାରେ ହାତରେ ପଶମ ସୂତାରୁ ଶୀତବସ୍ତ୍ର ତିଆରି କରାଯାଉଛି । ତୁମ ଘରେ କିଏ ସ୍ୱେଟର, ମଫଲର ବୁଣନ୍ତି କି ?

ତନ୍ତ ସାହାଯ୍ୟରେ ଶାଢ଼ୀ, ଧୋତି, ଗାମୁଛା ଆଦି ବୁଣାଯାଏ (ତଳ ଚିତ୍ରକୁ ଦେଖ) । ସମାଜରେ ଏହାର ବହୁଳ ବ୍ୟବହାର ଅଛି । ଆଜିକାଲି କଳକାରଖାନାରେ ବସ୍ତ୍ର, ଶୀତବସ୍ତ୍ର ଆଦି ତିଆରି କରାଗଲାଣି । କିନ୍ତୁ ତନ୍ତ ବୁଣା ଶାଢ଼ୀ, ଚଦରର ଆଦର ଆଜି ମଧ୍ୟ ରହିଛି । ଆମ ଓଡ଼ିଶାର ସମ୍ବଲପୁର, ସୋନପୁର, ଆଠଗଡ଼, ବ୍ରହ୍ମପୁର ଆଦି ଅଞ୍ଚଳରେ ତନ୍ତ ଲୁଗା ବୁଣାଯାଏ । ଓଡ଼ିଶାର ତନ୍ତବୁଣା ପାଟଶାଢ଼ୀର ଆଦର ଭାରତ ବାହାରେ ମଧ୍ୟ ରହିଛି । ତୁମ ଅଞ୍ଚଳରେ ଯେଉଁଠାରେ ତନ୍ତ ସାହାଯ୍ୟରେ ଲୁଗା ବୁଣା ଯାଉଛି ସେଠାକୁ ଯାଇ ଦେଖ ।


ଚିତ୍ର 4.7 ତନ୍ତ ଦ୍ୱାରା ଲୁଗା ବୁଣା ଯାଉଛି



**କ'ଣ ଶିଖିଲେ**

- ତୁଳା, ଝୋଟ, ରେଶମ, ପଶମ ଗୋଟିଏ ଗୋଟିଏ ତନ୍ତୁ ।
- ରେଶମ ପୋକ ତିଆରି କରୁଥିବା କୋଷାରୁ ରେଶମ ତନ୍ତୁ ବାହାରେ ।
- ପଶମ ମୁଖ୍ୟତଃ ମେଣ୍ଢା ଲୋମରୁ ମିଳିବା ସଙ୍ଗେ ସଙ୍ଗେ ଛେଳି ଓ ଚମରୀ ଗାଈ ଲୋମରୁ ମଧ୍ୟ ମିଳିଥାଏ ।
- କପା ଚାଷ ପାଇଁ କୃଷ୍ଣ କାର୍ପାସ ମୃତ୍ତିକା ଆବଶ୍ୟକ ହେଉଥିବା ବେଳେ ଝୋଟ ଚାଷ ପାଇଁ ପଟୁମାଟି ଆବଶ୍ୟକ ହୋଇଥାଏ ।
- ଆମ ଓଡ଼ିଶାର ସମ୍ବଲପୁର, ସୋନପୁର, ଆଠଗଡ଼, ବ୍ରହ୍ମପୁର ଆଦି ଅଞ୍ଚଳରେ ତନ୍ତ ଲୁଗା ବୁଣାଯାଏ ।

## ଅଭ୍ୟାସ

**୧. କେଉଁ ଶବ୍ଦଟି ସେହି ଶ୍ରେଣୀ ପାଇଁ ଉପଯୁକ୍ତ ନୁହେଁ ଚିହ୍ନାଅ ।**

(କ) ଝୋଟ, ତୁଳା, ପଲିଷ୍ଟର, ପଶମ

(ଖ) ତୁଳା, ଝୋଟ, ପଶମ, ନଳିତା

(ଗ) ତୁଳା, ରେଶମ, ପଶମ, ନଡ଼ିଆକତା

**୨. ତଳେ ଦିଆଯାଇଥିବା ଶବ୍ଦ ଦ୍ୱୟ ମଧ୍ୟରେ ଥିବା ଗୋଟିଏ ସାମଞ୍ଜସ୍ୟ ଓ ଗୋଟିଏ ପାର୍ଥକ୍ୟ ଲେଖ ।**

(କ) ରେଶମ ଓ ପଶମ

(ଖ) ପ୍ରାକୃତିକ ତନ୍ତୁ ଓ କୃତ୍ରିମ ତନ୍ତୁ

**୩. କାରଣ କ'ଣ ?**

(କ) ପଶ୍ଚିମବଙ୍ଗରେ ଅଧିକ ନଳିତା ଚାଷ କରାଯାଏ ।

(ଖ) ସୁରଟରେ ବହୁତ ଲୁଗାକଳ ଅଛି ।

**୪. ପ୍ରତ୍ୟେକର ଦୁଇଟି ବ୍ୟବହାର ଲେଖ ।**

(କ) ନଡ଼ିଆ ତନ୍ତୁ (ଖ) ଶିମିଳିତୁଳା (ଗ) ଝୋଟ

**୫. ଶୂନ୍ୟସ୍ଥାନ ପୂରଣ କର ।**

(କ) ଝୋଟ ____________ ଗଛର ବକଳ ।

(ଖ) ଶିମିଳି ଗଛର ତୁଳା ____________ ରେ ଉଡ଼ିଯାଏ ।

(ଗ) ନାଇଲନ ଗୋଟିଏ ____________ ତନ୍ତୁ ।

(ଘ) ରେଶମ ପୋକର ____________ ରୁ ରେଶମ ମିଳେ ।

୬. ଶୀତ ଦିନେ ବ୍ୟବହାର ହେଉଥିବା ସ୍ୱେଟର୍ ଓ ଖରା ଦିନେ ସାଧାରଣତଃ ବ୍ୟବହାର ହେଉଥିବା ସାର୍ଟ ଯେଉଁ ଯେଉଁ ତନ୍ତୁରେ ତିଆରି ସେମାନଙ୍କ ମଧ୍ୟରେ ଦୁଇଟି ପାର୍ଥକ୍ୟ ଲେଖ ।



**ଘରେ କରିବା ପାଇଁ କାମ :**

- ତୁମ ଅଞ୍ଚଳରେ କେଉଁଠି ଯଦି ତନ୍ତ ବା କଳ ସାହାଯ୍ୟରେ ଲୁଗା ବୁଣା ଯାଉଥାଏ, ସେଠାକୁ ଯାଅ ଓ ଯାହା ଦେଖିଲ ସେ ବିଷୟରେ ଲେଖ ।